# ଆନ୍ତଃଜିଲା ମୂର୍ତ୍ତି ଚୋରି ର୍ୟାକେଟର ପର୍ଦ୍ଦାଫାଶ



ଆନ୍ତଃଜିଲା ମୂର୍ତ୍ତି ଚୋରି ର୍ୟାକେଟର ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ୩ ଗିରଫ, ଶିବ ପାର୍ବତୀଙ୍କ ମୂର୍ତ୍ତି ସହ ବହୁ ସାମଗ୍ରୀ ଓ ଟଙ୍କା ଜବତ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳ ସମେତ ଯାଜପୁର ଜିଲାର ସୁକିନ୍ଦା ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ମୂର୍ତ୍ତି ଚୋରି କରୁଥିବା ଏକ ଆନ୍ତଃଜିଲା ର୍ୟାକେଟର ପର୍ଦ୍ଦାଫାଶ ହୋଇଛି। ଏ ସଂକ୍ରାନ୍ତରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଢେଙ୍କାନାଳ ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି, ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ଥିବା ବାଲୁଙ୍କେଶ୍ୱର ମନ୍ଦିରରୁ ଗତ ୧୩ ତାରିଖରେ ଠାକୁରଙ୍କ ମୂର୍ତ୍ତି ସମେତ ବହୁ ସାମଗ୍ରୀ ଚୋରି ହୋଇଥିଲା। ଏହି ଘଟଣାର ତଦନ୍ତ କରିବା ବେଳେ ଜିଲାର ବିଭିନ୍ନ ଅଞ୍ଚଳ ଏବଂ ପଡ଼ୋଶୀ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତି ଓ ଅଳଙ୍କାର ଉଦ୍ଧାର କରାଯାଇଥିଲା। ଲୁଟେରାମାନେ ବିଶେଷକରି ଅଷ୍ଟଧାତୁରେ ନିର୍ମିତ ମୂର୍ତ୍ତି, ସୁନା ଅଳଙ୍କାର ଗୁଡିକ ଚୋରି କରୁଥିଲେ। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମିଧା ଗ୍ରାମର ସୁମନ ଓରଫ୍ ବିଶ୍ୱନାଥ ନାୟକ, ସଦର ଥାନା ସୋଗରପଶି ଗ୍ରାମର ମାନସ ଷଣ୍ଢ ଏବଂ ଚୋରୀ ସାମଗ୍ରୀକୁ କିଣିଥିବା କାଳିଆ ଓରଫ ରଣଜିତ କୁମାର ସାହୁ। ଏହି ଘଟଣାରେ ୧୪୭୦ ଟଙ୍କା ସହ ଗୋଟିଏ ଶିବ ଓ ପାର୍ବତୀଙ୍କ ମୂର୍ତ୍ତି, ୨ଟି ତମ୍ବା ସାପ, ଗୋଟିଏ ମେଟାଲିକ ବୃଷଭ ମୂର୍ତ୍ତି, ଗୋଟିଏ ମେଟାଲିକ ଖଟୁଲି ସହିତ ଅନ୍ୟ ମେଟାଲିକ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟ ୨ ନାବାଳକଙ୍କ ସମ୍ପୃକ୍ତି ଥିବାରୁ ସେମାନଙ୍କୁ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଛି। ଅଭିଯୁକ୍ତମାନେ ଢେଙ୍କାନାଳ ସହର ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ର ମନ୍ଦିର ହୁଣ୍ଡିଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଏହି ଅଭିଯୁକ୍ତମାନେ ଢେଙ୍କାନାଳ ଟାଉନ ଥାନା ଅଞ୍ଚଳ ୩ଟି ଚୋରି ମାମଲା, ସଦର ଥାନାର ୩, ଭୁବନ ଥାନାର ୩, କଣ୍ଟାବଣିଆ, ତୁମୁସିଙ୍ଗା ଥାନାର ଗୋଟିଏ ଲେଖାଏ ଓ ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳର ଗୋଟିଏ ମାମଲାରେ ଅଭିଯୁକ୍ତ ଅଛନ୍ତି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ। ଏଥିପୂର୍ବରୁ ପ୍ରସିଦ୍ଧ କପିଳାସ ପୀଠରେ ପ୍ରାଚୀନ ମୂର୍ତ୍ତି ଚୋରି ଓ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମର ମୂର୍ତ୍ତି ଚୋରି ସମ୍ପର୍କରେ ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ସଦର ଥାନା ଅଧିକାରୀ ଦୀପକ ଲେଙ୍କା, ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ପ୍ରଦୀପ ରଞ୍ଜନ ପାତ୍ର ଓ ସୁକିନ୍ଦା ଥାନା ପୋଲିସ ପ୍ରମୁଖ ଉପସ୍ଥିତ ଥିଲେ।

# ପୌର କାର୍ଯ୍ୟାଳୟ ଘେରାଉ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ୫ଦଫା ଦାବିକୁ ନେଇ ଶୁକ୍ରବାର ପୌର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଆମ୍ବେଦକର ଭବନ ପୁନଃନିର୍ମାଣ, ଦକ୍ଷିଣକାଳୀ ମେଡିକାଲ ରୋଡ ପ୍ରଶସ୍ତୀକରଣ, ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ବାଜିଚୌକ ସିଟି ହସପିଟାଲର ଉନ୍ନତୀକରଣ, କଣ୍ଟାନାଳୀ ବୁଥ କେନ୍ଦ୍ର ସ୍ଥାପନ ଆଦି ଦାବିରେ ଏହି ଘେରାଉ କରାଯାଇଥିଲା। ଢେଙ୍କାନାଳ ସହର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଆମ୍ବେଦକର ଭବନକୁ ଭାଙ୍ଗି ଦିଆଯାଇ ସଙ୍ଗଠନର ସମସ୍ତ ଜିନିଷ ଆତ୍ମସାତ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏଥିପୂର୍ବରୁ ସଙ୍ଗଠନକୁ କୌଣସି ସୂଚନା ଦିଆଯାଇ ନ ଥିଲା। ଗତ ୧୫ ତାରିଖରେ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯିବା ପରେ ମଧ୍ୟ ଏହାକୁ ଅଣଦେଖା କରାଯାଇଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସଙ୍ଗଠନର ସମ୍ପାଦକ ଚିତ୍ରସେନ ନାଏକଙ୍କ ସମେତ କର୍ମକର୍ତ୍ତାମାନେ ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସହ ଆଲୋଚନା କରିଥିଲେ। ଯେହେତୁ ଜିଲାପାଳଙ୍କ ବଦଳି ହୋଇଯାଇଛି। ନୂତନ ଜିଲାପାଳ ଆସିବା ପରେ ତାଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପୌରାଧ୍ୟକ୍ଷା ବୁଝାଇବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।



ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ କରାଯାଇଛି।

# ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳସ୍ଥିତ ଜୀବନଜ୍ୟୋତି ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ଶୁକ୍ରବାର ଠାରୁ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସ୍ୱୀକୃତିପ୍ରାପ୍ତ ଭାରତୀୟ ପୁନର୍ବାସ ପରିଷଦ ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହେବ। ଓଡ଼ିଶାର ୫୦ଜଣ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ଓ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ସ୍ୱତନ୍ତ୍ର ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ଆହରଣ କରୁଛନ୍ତି। ଏହି ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ସ୍ୱତନ୍ତ୍ର ତାଲିମ୍‌ଦାତା ଆରତୀପ୍ରଭା ମହାପାତ୍ର, ସହକାରୀ ପ୍ରାଧ୍ୟାପକ ଆଶୀର୍ବାଦ ଦେହୁରୀ ଏବଂ ରଶ୍ମିରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ସହକାରୀ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବାନୀ ରଥ, ଈଶ୍ୱରୀ ପ୍ରଭା ନାୟକ ଓ ଜ୍ୟୋତିରଞ୍ଜନ ବଳିଆର ସିଂ ପ୍ରମୁଖ ସହଯୋଗ କରିଥିଲେ।



ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମରେ ଅତିଥିମାନେ।

# ବିରଜା ତ୍ରିପାଠୀ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ


ଆଲୁମନି ଆସୋସିଏଶନ ପକ୍ଷରୁ ବିରଜା ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଢେଙ୍କାନାଳ କଲେଜ ଆଲୁମନି ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳର ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଜା କୁମାର ତ୍ରିପାଠୀଙ୍କ ପରଲୋକରେ ଶୁକ୍ରବାର ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମନି ଆସୋସିଏଶନ ପକ୍ଷରୁ ତାଙ୍କୁ ମହାବିଦ୍ୟାଳୟ ରିଡିଙ୍ଗ୍ ରୁମରେ ଆୟୋଜିତ ଶୋକସଭାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଲୁମନି ଆସୋସିଏଶନ ସଭାପତି ଶିକ୍ଷାବିତ୍ ଅଭୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଦୀପକ ପଟ୍ଟନାୟକ, ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ମିଶ୍ର, ଶିକ୍ଷାବିତ୍ ସୁକାନ୍ତ କୁମାର ମିଶ୍ର ଓ ଅଟଳ ବିହାରୀ ଦାସ, ବିରଞ୍ଚି ନାରାୟଣ ସେଠ୍, ଶରତ କୁମାର ସାହୁ, ଅଧ୍ୟାପିକା ସୁମିତ୍ରା ବେହେରା, ଅଧ୍ୟାପକ ସମ୍ବିତ କୁମାର ସାହୁ ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରି ପ୍ରାଧ୍ୟାପକ ବିରଜା କୁମାର ତ୍ରିପାଠୀ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଓ ଛାତ୍ର ବତ୍ସଳ ପ୍ରାଧ୍ୟାପକ ଥିଲେ ବୋଲି ଶୋକସଭାରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ବିଶ୍ୱନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଉଫୁନା ପକ୍ଷରୁ ଶୋକସଭା

ଢେଙ୍କାନାଳ,୨୨।୩(ରତନ ନାୟାର)

ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ପରଲୋକରେ ଶୁକ୍ରବାର ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠାନର ସର୍ବଭାରତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଫୁନା ଉପସଭାପତି ତଥା ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ଉପେନ୍ଦ୍ର କୁମାର ରାଉତ, ସରୋଜ ଶତପଥୀ, ଉପମା ସାମଲ, ବିଚିତ୍ରାନନ୍ଦ ମହାନ୍ତି, ଉମ୍ବରୁଧର ପଣ୍ଡା, ଅବିନାସ ଦାସ ପ୍ରମୁଖ ଡା. ରାଉତଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ବିୟୋଗରେ ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା।



ଢେଙ୍କାନାଳ ରଥଗଡ଼ାସ୍ଥିତ କାର୍ଯ୍ୟାଳୟରେ ଉଫୁନା ପକ୍ଷରୁ ଶୋକସଭା।

# କେଜ୍‌ରିୱାଲଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ

ଢେଙ୍କାନାଳ,୨୨।୩(ରତନ ନାୟାର)

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଇଡି ଗିରଫ କରିବା ପ୍ରତିବାଦରେ ଶୁକ୍ରବାର ଢେଙ୍କାନାଳ ଜିଲା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଏପି କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଭାଜପାର ଓ ଇଡି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ମୀମାନେ ଗାନ୍ଧୀପାର୍କ ଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସାଧାରଣ ନିର୍ବାଚନ ସମୟରେ ଜାତୀୟସ୍ତରୀୟ ନେତାଙ୍କ ଅନ୍ୟାୟୋଚିତ ଗିରଫଦାରିକୁ ନିନ୍ଦା କରିଥିଲେ। ତୁରନ୍ତ ତାଙ୍କୁ ମୁକ୍ତି କରିବା ପାଇଁ ନେତୃବୃନ୍ଦ ଦାବି କରିଥିଲେ। ଜିଲା ଆବାହକ ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜିତେନ୍ଦ୍ର ବେହେରା, ଅନିଲ କୁମାର ନାଥ, ଯୁଗ୍ମ ସମ୍ପାଦକ ବିଧୁ ରଞ୍ଜନ ନାୟକ, ପୀତାମ୍ବର ଦାସ, ଶଙ୍କର୍ଷଣ ଦଳେଇ, ପୀତାମ୍ବର ସାମନ୍ତରାୟ, ବରିଷ୍ଠ ସଦସ୍ୟ ପ୍ରକାଶ ଭୂଞିଆ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କେଜ୍‌ରିୱାଲଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶୃଙ୍ଖଳା, ବିନୟୀ ଭାବ ରଖିବାକୁ ପରାମର୍ଶ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଭଗବାନ ମିଶ୍ର, ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗ ଅଧ୍ୟାପିକା କୁମୁଦିନୀ ବେହେରା, ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ବେହେରା ପ୍ରମୁଖ ଯୋଗଦେଇ ଛାତ୍ର ଜୀବନରେ ସମାଜସେବା ସହିତ ଶୃଙ୍ଖଳା ଓ ବିନୟୀ ଭାବ ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଳିକଙ୍କ ତତ୍ତ୍ୱାବଧାନରେ ୭ଦିନ ଧରି ଆୟୋଜିତ ଶିବିର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀ ଜ୍ୟୋତିର୍ମୟୀ ମହାଳିକ ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ପିଙ୍ଗୁଆ କଲେଜରେ ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର।

# ୩୯ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ସହର ୫୫ନଂ. ଜାତୀୟ ରାଜପଥର ପାଞ୍ଚକାହାଣିଆ ନିକଟରୁ ଶୁକ୍ରବାର ପଲିଥିନ ମଧ୍ୟରେ ରଖାଯାଇଥିବା ୩୯ଗ୍ରାମ ୨୩ ମିଲିଗ୍ରାମ ବ୍ରାଉନ ସୁଗାରକୁ ଟାଉନ ଥାନା ପୋଲିସ ଜବତ କରିଛି। ଏଥିସହିତ ଘଟଣାରେ ବ୍ୟବହୃତ ଏକ ବାଇକ୍ (ନଂ. ଓଡି.୦୬-ଏଲ୍-୨୩୦୨) ଓ ୬୪୦୦ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ଢେଙ୍କାନାଳ ସହର କାରିଗରସାହିର ପୁପୁଲି ଓରଫ୍ ସଂଗ୍ରାମ ବେହେରା(୨୬), କଟକ ଜିଲା ଟାଙ୍ଗି ଥାନା ମାଗୁରା ଅଞ୍ଚଳର ନିରଞ୍ଜନ ଦାସ(୫୧)ଙ୍କୁ ପୋଲିସ ଗିରଫ କରିଛି। ବ୍ରାଉନସୁଗାରକୁ ବିକ୍ରି ପାଇଁ ମସୁଧା କରୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ଟାଉନ ଥାନା ଏସ୍‌ଆଇ ବିଷ୍ଣୁପ୍ରିୟା ରଣା ଅଭିଯୁକ୍ତଙ୍କୁ ମାଡି ବସିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୧୪।୨୪ରେ ଏକ ମାମଲା ରୁଜୁ କରାଯାଇଛି।


ଗିରଫ ଅଭିଯୁକ୍ତ


ଜବତ ଟଙ୍କା ଓ ବ୍ରାଉନ୍‌ସୁଗାର।

# ସାମିଲ ହେଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

## ବିଜେଡିର ମହାମିଶ୍ରଣ ପର୍ବ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଶୁକ୍ରବାର ଅପରାହ୍ଣ ୪ଟାରେ ସହରସ୍ଥିତ ଶ୍ରୀରାମ ମଣ୍ଡପଠାରେ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଓ କଂଗ୍ରେସର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି କର୍ମୀମାନେ ବାଜା ବଜାଇ ଶୋଭାଯାତ୍ରାରେ ଆସି ସଭା ସ୍ଥଳରେ ପହଞ୍ଚିଥିଲେ। ବିଜେଡି ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ବିଜେଡି ସଭାପତି ତଥା ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ କହିଲେ, ଭାଜପା ଓ କଂଗ୍ରେସ ଛାଡି ଶତାଧିକ କର୍ମୀ ବିଜେଡିରେ ମିଶିଛନ୍ତି। ଏହା ବିଜେଡି ପାଇଁ ନିଶ୍ଚିତ ଭାବେ ଉପାଦେୟ ହେବ। ଏମ୍‌ପି ମହେଶ ସାହୁ କହିଲେ, ଆଗାମୀ ଦିନରେ ସହଯୋଗୀମାନଙ୍କୁ ନେଇ ସଙ୍ଗଠିତ ଭାବେ ସଂଗ୍ରାମ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଣିଥରେ ରାଜ୍ୟରେ ବିଜେଡି ସରକାର ଗଠନ କରିବ। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଲେ, ଏହି ମହାମିଶ୍ରଣ ପର୍ବରେ ଢେଙ୍କାନାଳ ପୌରାଞ୍ଚଳର ୭, ୮, ୯ ଓ ୨୦, ୨୧ ଏବଂ ୨୨ନଂ ୱାର୍ଡର ୭୦୦ରୁ ଅଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ମିଶିଛନ୍ତି। ବିଶେଷକରି କର୍ମୀ ଯୁବଗୋଷ୍ଠୀର। ସମସ୍ତଙ୍କୁ ସ୍ୱାଗତ କରୁଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବିଜେଡି ସରକାର ମହିଳାଙ୍କୁ ସଶକ୍ତୀକରଣ କରିବା ସହ କୃଷି, ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ଆଦି ସବୁ କ୍ଷେତ୍ରରେ ବିଭିନ୍ନ ଯୋଜନା ମାଧ୍ୟମରେ ଓଡ଼ିଶାକୁ ସମୃଦ୍ଧ କରିବା ପ୍ରକ୍ରିୟା ଜାରି ରଖିଛି। ବିଶେଷକରି ନୂଆ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି। ଢେଙ୍କାନାଳ ବିଧାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ପର୍ଯ୍ୟବେକ୍ଷକ ଅମରଜିତ ସେନାପତି, ରାଜ୍ୟ ସମ୍ପାଦକ ହର୍ଷବର୍ଦ୍ଧନ ସିଂହଦେଓ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ବିଜେଡି ଲିଗାଲସେଲ୍ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ବିଶିଷ୍ଟ ଯୁବନେତା ଦୀପକ ମିଶ୍ର, ଅଜୟ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ୭ ଓ ୮ନଂ ୱାର୍ଡର ବିନୋଦ ମହାନ୍ତି, ରାମଜାନ ଖାନ, ସରୋଜ ମହାନ୍ତି, ପୁରୁଷୋତ୍ତମ ନାୟକ, ଅଶୋକ ଜେନା, ଦୁର୍ଗା ନାୟକ, ସମ୍ବିତ ପିରେଇ, ଶିବ ପ୍ରସାଦ ସାହୁ, ଏସ୍‌କେ ସୋହେଲ, ଅପ୍ତିକମ ନାୟକ, ଆଶିଷ ମହାପାତ୍ର, ଲୁଲୁ ମହାପାତ୍ର, ରକି ବେହେରା ଏବଂ ୨୦, ୨୧ ଓ ୨୨ନଂ ୱାର୍ଡର ପୂର୍ବତନ କାଉନସିଲର ବାପୁଜୀ ନାୟକ, ଆନନ୍ଦ କର, ଜ୍ୟୋତି ପ୍ରକାଶ ମହାପାତ୍ର, ଆଦିତ୍ୟ ମଲ୍ଲିକ, ସନ୍ଧ୍ୟାରାଣୀ ପଣ୍ଡା, ବିଦ୍ୟାଧର ପାଣି, ପ୍ରହରାଜ ନାୟକ, ବିକାଶ ଦେହୁରୀ, ଓମ୍ ମଲ୍ଲିକ, ରଜତ ନାୟକ ଓ ବିକାଶ ମଲିକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ଆସି ବିଜେଡିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ବିଜେଡିର ବରିଷ୍ଠ ନେତା ଡା. ଦାମୋଦର ରାଉତଙ୍କ ପରଲୋକକୁ ନେଇ ଗଭୀର ଶୋକ ପ୍ରକାଶ କରାଯାଇଥିଲା।


ବିଜେଡିର ମହାମିଶ୍ରଣ ପର୍ବ ଅବସରରେ ସ୍ଥାନୀୟ ନେତାମାନଙ୍କ ସହ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀମାନେ।

# ସମସ୍ୟାର ତ୍ୱରିତ ସମାଧାନ ଦାବି

## ଏନ୍‌ଟିପିସି ଅଧିକାରୀଙ୍କ ସହ ଡେରଙ୍ଗବାସୀଙ୍କ ଆଲୋଚନା, ଭୋଟ ବର୍ଜନ ଚେତାବନୀ

ଡେରଙ୍ଗ/ କଣିହାଁ,୨୨।୩ (ସଚ୍ଚିଦାନନ୍ଦ ପ୍ରଧାନ)



କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତର ଡେରଙ୍ଗ ମଝିସାହିକୁ ସମ୍ପୂର୍ଣ୍ଣ ବିସ୍ଥାପନ ଓ ଅନ୍ୟାନ୍ୟ ସମସ୍ୟା ନେଇ ଶୁକ୍ରବାର ଏନ୍‌ଟିପିସି ସହିତ ଡେରଙ୍ଗ ମଝିସାହି ବାସିନ୍ଦାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିପିସିର ଗଙ୍ଗୋତ୍ରୀ ଗେଷ୍ଟ ହାଉସ ଠାରେ ହୋଇଥିବା ଏହି ବୈଠକରେ ଏନ୍‌ଟିପିସି ଏଚ୍‌ଆର୍ ହେଡ୍ ବ୍ରିଜେସ ପାଣ୍ଡେ, ଜିତେନ କୁମାର, କିଶୋର କୁମାର, ସି.ଏଚ. ସତ୍ୟରାମ କ୍ରିଷ୍ଣ (ଓ ଆଣ୍ଡ ଏମ୍) ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ମଝିସାହି ସଭାପତି ଦିଲୀପ କୁମାର ବେହେରା, ସମ୍ପାଦକ ବିପିନି ବିହାରୀ ସାହୁ, ସୁନୀଲ କୁମାର ସାହୁ, ସମିତି ସଭ୍ୟ ସନ୍ତୋଷ କୁମାର ନାଏକ, ନାଏବ ସରପଞ୍ଚ ବୁଲୁ ସାହୁ, ସନ୍ତୋଷ ବେହେରା, ଦିଲୀପ ସାହୁ, ରାଜୁ ସାହୁ, ନରେନ୍ଦ୍ର ସାହୁ, ଯୋଗେଶ୍ୱର ସାହୁ, ସୁଧାକର ବେହେରା, ଜିତେନ ସାହୁ, ଦୀପକ ବେହେରା, ବିଦ୍ୟାଧର ସାହୁ, ଅକ୍ଷୟ ନାଏକ, ଗଦାଧର ସାହୁ, ସୁଶାନ୍ତ ସାହୁ, ନିରଜ ସାହୁ, ଉତ୍ତମ ସାହୁ, ସୁବାସ ବେହେରା, ଗୁନା ସାହୁ ପ୍ରମୁଖ ଉପସ୍ଥିତ ରହି ଗ୍ରାମର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ।

ମଝିସାହିବାସୀ କହିଥିଲେ, ଡେରଙ୍ଗ ମଝିସାହିର ପୂର୍ବ ଦିଗରେ ଏନ୍‌ଟିପିସି ଆଶପଣ୍ଡ ପୋଖରୀଗୁଡ଼ିକ ରହିଛି। ଏଥିଯୋଗୁ ବର୍ଷ ତମାମ ଗାଁର ଜଳବାୟୁ ପ୍ରଦୂଷିତ ହେଉଛି। ଚାଷଜମି ମଧ୍ୟ ଉର୍ବରତା ହରାଉଛି। ଏହି ସମସ୍ୟା ସମ୍ପର୍କରେ ଦୀର୍ଘ ୩୦ ବର୍ଷ ହେଲା ଜିଲା ପ୍ରଶାସନ ଓ ଏନ୍‌ଟିପିସି ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ମଧ୍ୟ ମଝିସାହିକୁ ବିସ୍ଥାପନ କରାଯିବା କିମ୍ବା ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ବୈଠକ ପରେ ବୈଠକ ବସୁଥିଲେ ବି ସାହିକୁ ବିସ୍ଥାପନ କରାଯାଉ ନାହିଁ। ମନଇଚ୍ଛା ଟ୍ରାନ୍ସପୋର୍ଟ କମ୍ପାନୀ ଲଗାଇ ପାଉଁଶ ପରିବହନ କରାଯାଉଛି। ଫଳରେ ଡେରଙ୍ଗ ମଝିସାହିର ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ସାଧାରଣ ନିର୍ବାଚନ ପୂର୍ବରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଡେରଙ୍ଗ ମଝିସାହି ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଡାକ ଯୋଗେ ଜିଲା ପ୍ରଶାସନକୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି।

# ଏଡ୍‌ସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବଢ଼ାଯିବ

ଅନୁଗୋଳ,୨୨।୩(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ତାଲିମ କେନ୍ଦ୍ରଠାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱବିହାରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ଏଡ୍‌ସ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଏଚ୍‌ଆଇଭି ଆକ୍ରାନ୍ତଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବାର ସମୀକ୍ଷା କରାଯାଇଥିଲା। ଏହାସହିତ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ କମିଟି ଦ୍ୱାରା ପରିଚାଳିତ ବିଭିନ୍ନ ସୋସିଆଲ ମିଡିଆ ଓ ୧୦୯୭ ଶୁଳ୍କମୁକ୍ତ ନମ୍ବରର ଅଧିକରୁ ଅଧିକ ପ୍ରଚାର ପ୍ରସାର ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଡ୍‌ସ ରୋଗ ନିୟନ୍ତ୍ରଣ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସ୍ଥିର କରାଯାଇଥିଲା। ଏଚ୍‌ଆଇଭି ଆକ୍ରାନ୍ତମାନେ ନିୟମିତ ଭାବରେ କିପରି ଔଷଧ ପାଇପାରିବେ, ସେଥିପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶେଷରେ ଜିଲା ଏଡ୍‌ସ ନିୟନ୍ତ୍ରଣ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

# ବନଦୁର୍ଗା ପୀଠକୁ କରାଗଲା ପ୍ଲାଷ୍ଟିକମୁକ୍ତ

ଛେଣ୍ଡିପଦା,୨୨।୩ (ଅଜିତ ଧଳ)

ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ଛେଣ୍ଡିପଦା ସଦର ମହକୁମାର ବନଦୁର୍ଗା ପୀଠ ନିକଟରେ ଶୁକ୍ରବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରଶୁଚିସ୍ମିତା ମହାପାତ୍ରଙ୍କ ନେତୃତ୍ୱରେ ବନାଞ୍ଚଳର ସମସ୍ତ କର୍ମଚାରୀ ସାମିଲ ହୋଇ ବନଦୁର୍ଗା ପୀଠକୁ ପ୍ଲାଷ୍ଟିକ ମୁକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବନପାଳ ବେଣୁଧର ବେହେରା, ଦିଗାମ୍ବର ନାୟକ, ସୁଶାନ୍ତ କୁମାର ନାଏକ, ପଦ୍ମଚରଣ ସାହୁ ବନରକ୍ଷୀ ଲୁଲୁ ପ୍ରଧାନ, ସିତୁ ବେହେରା, ରାଜନୀଗନ୍ଧା ପ୍ରଧାନ, ମିନତୀ ବେହେରାଙ୍କ ସମେତ ବନାଞ୍ଚଳର ସମସ୍ତ କର୍ମଚାରୀ ସାମିଲ ଥିଲେ।




# ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ

ଅନୁଗୋଳ,୨୨।୩(ଅମିତ କୁମାର ସାମଲ)

ଅନୁଗୋଳ ଜିତା ଅନୁଷ୍ଠାନର ଜଙ୍ଗଲସାଥୀ (ଯୁବ ସ୍ୱେଚ୍ଛାସେବୀ) ମାନଙ୍କ ଦ୍ୱାରା ସାଇଡା ପଞ୍ଚାୟତର ଡାଲୋ ଗ୍ରାମରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟତଃ ପାଣିକୁ ନେଇ ଥିବା ସମସ୍ୟା, ଅପଚୟ ପରିବର୍ତ୍ତେ କିପରି ପାଣିର ସୁରକ୍ଷା କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ସଭାରେ ୪୦ ଜଣ ଯୁବତୀ ଯୁବକ, ଗାଁ ମହିଳା ଓ ପୁରୁଷ ଓ ବୟୋଜ୍ୟଷ୍ଠ ବ୍ୟକ୍ତି ଉପସ୍ଥିତ ରହି ଜଳ ସଂରକ୍ଷଣକୁ ନେଇ ନିଜ ମତ ରଖିଥିଲେ। ସଭାରେ ସାଇଡ଼ା ସରପଞ୍ଚ ମୋନାଲିସା ଗୋଡନାୟକ, ସମିତି ସଭ୍ୟା ସମ୍ବାରୀ ସମାରଇ, ଜିତା ଅନୁଷ୍ଠାନ ସଦସ୍ୟ ପଞ୍ଚାନନ ବିଶ୍ୱାଳ, ଟିକେଶ୍ୱର ସେଠୀ, ରୁପେଶ ବେହେରା ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ପାଣିର ଅପଚୟରୁ ନିଜକୁ ନିବୃତ ରଖି ପାଣି ସଞ୍ଚୟ ପାଇଁ ପଦକ୍ଷେପ ନେବାକୁ ଉତ୍ସାହିତ କରିବା ସହ ପାଣି ସଂରକ୍ଷଣକୁ ନେଇ ସରକାରଙ୍କ ପଦକ୍ଷେପ ବାବଦରେ ଦୃଷ୍ଟି ଆରୋପ କରିଥିଲେ। ଶେଷରେ ଗାଁ ଯୁବ ଦଳ ନେତୃତ୍ୱରେ ଉପସ୍ଥିତ ଅତିଥିବୃନ୍ଦ, ଗାଁ ଲୋକ ସମସ୍ତେ ମିଶି ଗାଁ ବନ୍ଧକୁ ସଫା କରିଥିଲେ। ଏହାସହିତ ଆଗାମୀ ବର୍ଷା ଋତୁରେ କିପରି ଜଳକୁ ବନ୍ଧରେ ସଂରକ୍ଷିତ କରାଯାଇପାରିବ ସେଥିପାଇଁ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ। ସଭାକୁ ଜିତା ଅନୁଷ୍ଠାନ ଜଙ୍ଗଲସାଥୀ ବିପିନ ସମାରଇ ପରିଚାଳନା କରିଥିବା ବେଳେ ହରିଶ ବଦଲାଇ ଓ ରାଜେଶ ବିରୁଆ ଆୟୋଜନର ନେତୃତ୍ୱ ନେଇଥିଲେ।



ଡାଲୋ ଗାଁ ବନ୍ଧକୁ ସଫା କରାଯାଉଛି।

# ଦାମୋଦର ରାଉତଙ୍କ ବିୟୋଗରେ ଶୋକ

ଅନୁଗୋଳ,୨୨।୩ (ଅମିତ କୁମାର ସାମଲ)

ଓଡ଼ିଶା ରାଜନୀତିର ପ୍ରଭାବଶାଳୀ ନେତା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଦାମୋଦର ରାଉତଙ୍କ ବିୟୋଗ ଖବର ଶୁଣି ଦୁଃଖିତ ଓ ମର୍ମାହତ। ଦୀର୍ଘ ବର୍ଷ ଧରି ରାଜନୀତିରେ ସକ୍ରିୟ ରହି ଲୋକକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ସ୍ପଷ୍ଟବାଦୀ ଓ ଅନୁଭବୀ ରାଜନେତାଙ୍କୁ ହରାଇଲା। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ପ୍ରଧାନ ଟୁଇଟ ଯୋଗେ ପ୍ରକାଶ କରିଛନ୍ତି। ସେହିପରି ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୧୯୭୪ ମସିହାରୁ ଡା. ରାଉତଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଥିଲା। ପିଲା ଦିନରୁ ତାଙ୍କୁ ଜାଣିଛି। ସେ କିଛିଦିନ ପାଇଁ ଭାଜପାରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି। ସେହିପରି ଅନୁଗୋଳ ଜିଲା ଭାଜପା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା ଓ ପ୍ରତିମା ମିଶ୍ର, ଅନୁଗୋଳ ଜୋନ୍ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଏହି ଶୋକ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ସେକ୍ଟର ଅଫିସରଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ,୨୨।୩(ଅମିତ କୁମାର ସାମଲ)

ଚଳିତ ସାଧାରଣ ନିର୍ବାଚନକୁ ସଫଳ ପରିଚାଳନା ପାଇଁ ଜିଲାସ୍ତରୀୟ ସେକ୍ଟର ଅଫିସର ପ୍ରଶିକ୍ଷଣ ଶିବିର ଶୁକ୍ରବାର ବ୍ଲକ ଡାଇମଣ୍ଡସ୍ଥିତ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ସମସ୍ତ ୧୧୬୨ ମତଦାନ କେନ୍ଦ୍ରର ୧୨୮ ଜଣ ସେକ୍ଟର ଅଫିସରଙ୍କୁ ଶୃଙ୍ଖଳିତ, ତ୍ରୁଟିହୀନ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ନିର୍ବାଚନ ଆଚରଣ ବିଧିର ସମସ୍ତ ନିୟମାବଳୀ ଅନୁଯାୟୀ ପ୍ରତ୍ୟେକ ସେକ୍ଟର ଅଫିସରଙ୍କ ଦାୟିତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ସମସ୍ତ ଉପଜିଲାପାଳ ତଥା ରିଟର୍ନିଂ ଅଫିସର, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ଲେଭଲ ଅଫିସର (ବିଏଲଓ)ଙ୍କୁ ପୋଷ୍ଟାଲ ବାଲାଟ ଓ ବିଭିନ୍ନ ନିର୍ବାଚନଜନିତ କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଓଲଟି ଚାଳକ ମୃତ

ଛେଣ୍ଡିପଦା,୨୨।୩(ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଶିମିଳିପାଳ ପଞ୍ଚାୟତ ଚରାକାନୀ ଗ୍ରାମ ବିଲରେ ଟ୍ରାକ୍ଟର ଓଲଟି ଘଡ ଗ୍ରାମର ବସନ୍ତ ପେଣ୍ଟଇ (୫୦)ଙ୍କ ମୃତ୍ୟୁ ହୋଇଛି। ବସନ୍ତ ବସନ୍ତପୁର ଗ୍ରାମର ଏକ ଟ୍ରାକ୍ଟରରେ ଚାଳକ ଭାବେ କାମ କରନ୍ତି। ଶୁକ୍ରବାର ଟ୍ରାକ୍ଟର ନେଇ ଚରାକାନୀ ଗ୍ରାମରେ ଏକ ବଗିଚାରେ ହଳ କରୁଥିବାବେଳେ ଟ୍ରାକ୍ଟରଟି ବିଲ ଭିତରେ ଥିବା ଏକ ଖାଲରେ ଓଲଟି ପଡିଥିଲା। ଘଟଣାସ୍ଥଳରେ ବସନ୍ତଙ୍କ ମୃତ୍ୟୁ ହୋଇଥିଲା। ବାଗଡିଆ ଥାନା ପୋଲିସ ଓ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖାଲରୁ ମୃତଦେହ ଉଦ୍ଧାର କରିଥିଲେ। ବାଗଡିଆ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ହାଇମାଷ୍ଟ ଲାଇଟ ମରାମତି ଦାବି



ବଣ୍ଟାରପାଳ/ଅନୁଗୋଳ,୨୨।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଣ୍ଟାରପାଳ ବ୍ଲକ କୁଲାଡ଼ ଏଫ୍‌ସିଆଇ ଛକ ବଜାରରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଅଚଳ ହୋଇପଡ଼ିଥିଲେ ହେଁ ତାହାକୁ ମରାମତି କରାଯାଉ ନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏଫ୍‌ସିଆଇ ଛକ ବଜାର ଉପରେ ନାଲ୍‌କୋ, ବଳରାମପ୍ରସାଦ, ଗିରାଙ୍ଗ, କୁଲାଡ, ପିଙ୍ଗୁଆ ଆଦି ଗ୍ରାମର ଲୋକମାନେ ନିର୍ଭର କରିବା ସହ ଏଠାରୁ ଅନ୍ୟତ୍ର ଯିବାକୁ ବସ୍ ଧରିଥାନ୍ତି। ତେଣୁ ଏଫ୍‌ସିଆଇ ଛକଠାରେ ଏକ ହାଇମାଷ୍ଟ ଲାଇଟ୍ ଲଗାଇବା ପାଇଁ କୁଲାଡ଼ ଗ୍ରାମବାସୀ ଓ ବଜାର କମିଟି ଲିଖିତ ଭାବରେ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଦାବି ଉପରେ ବିଚାର କରି ନାଲ୍‌କୋ କର୍ତ୍ତୃପକ୍ଷ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏକ ହାଇମାଷ୍ଟ ଲାଇଟ ଲଗାଇଥିଲେ। ହେଲେ ଲାଇଟ୍ ଲାଗିବାର କିଛିଦିନ ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଚଳ ହୋଇପଡ଼ିଛି। ଫଳରେ ରାତିରେ ବଜାର ଅଞ୍ଚଳ ଅନ୍ଧାରରେ ରହୁଥିବାରୁ ଆସୁଥିବା ଯାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଅନ୍ଧାରର ସୁଯୋଗ ନେଇ ବଜାରରେ ନିଶାଡ଼ି ଓ ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଉଛନ୍ତି। ତେଣୁ ଉକ୍ତ ହାଇମାଷ୍ଟ ଲାଇଟ ମରାମତି କରିବା ପାଇଁ କୁଲାଡ଼ ଗ୍ରାମବାସୀ ଓ ବଜାର କମିଟି ତରଫରୁ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଜେଏସ୍‌ପି ପକ୍ଷରୁ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିବସ ପାଳିତ







ଅନୁଗୋଳ, ୨୨।୩ (ଅମିତ କୁମାର ସାମଲ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ଓପି ଜିନ୍ଦଲ ଗ୍ରୁପର ଚେୟାରମ୍ୟାନ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ ଦିବସ ଅନୁଗୋଳସ୍ଥିତ କମ୍ପାନୀର ସମସ୍ତ ଅଂଶୀଦାର ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ଗହଣରେ ପାଳିତ ହୋଇଯାଇଛି। ଏହି ଦିନଟିକୁ ଅଧିକ ସ୍ମରଣୀୟ କରିବା ପାଇଁ ଜେଏସ୍‌ପିର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟରତ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଅନୁଗୋଳ ଜିଲାର କୁଷ୍ଠାଶ୍ରମ, ଆଦିବାସୀ ଜନଜାତିଙ୍କ ଜରା ନିବାସରେ ଗ୍ରୀଷ୍ମକାଳୀନ ପୋଷାକ ଏବଂ ପୁଷ୍ଟିକର ଶୁଖିଲା ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଅନେକ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। କମ୍ପାନୀର ଅନୁଗୋଳ ଶାଖା ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲ୍‌ହାନ, ଦାମୋଦର ମିତ୍ତଲ ଯୋଗଦେଇ ସାବିତ୍ରୀ ଜିନ୍ଦଲଙ୍କ ଉଦ୍ଦେଶ୍ୟରେ କେକ୍ କାଟି ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ। ସେହିଭଳି ଜିନ୍ଦଲ ମହିଳା ସମିତି ପକ୍ଷରୁ ଅନିତା ମିତ୍ତଲଙ୍କ ନେତୃତ୍ୱରେ ଜନ୍ମ ଦିବସର କେକ୍ କଟାଯାଇ ସାବିତ୍ରୀ ଜିନ୍ଦଲଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଏଥିରେ ଜିନ୍ଦଲ ନଗରର ଅନେକ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାବିତ୍ରୀ ଜିନ୍ଦଲଙ୍କ ନିରନ୍ତର ସୁସ୍ଥତା କାମନା କରି ଦେବଭୂମି ଜଗନ୍ନାଥ ମନ୍ଦିର ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ପରିସରରେ ସତନ୍ତ୍ର ପୂଜାର୍ଚ୍ଚନା, ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏତଦବ୍ୟତୀତ ଶ୍ରମିକ ବିହାର, ଜିନ୍ଦଲ ଆଶା, ସାବିତ୍ରୀ ଜିନ୍ଦଲ ସ୍କୁଲ ପରିସରରେ ମଧ୍ୟ ଜନ୍ମଦିନ କେକ କଟା ଯାଇ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା।

